## ଜମି, ଫ୍ଲାଟ୍ ଦେବା ଆଳରେ ୩ କୋଟି ଠକେଇ

# କମ୍ପାନୀ ନିର୍ଦ୍ଦେଶିକା ଗିରଫ

**ଭୁବନେଶ୍ୱର,୧୩।୧୧/ଏନ୍ଏନ୍ଏସ୍:** ରାଜଧାନୀରେ ସୁଲଭ ମୂଲ୍ୟରେ ଜମି ଓ ଫ୍ଲାଟ୍ ଯୋଗାଇ ଦେବା ଆଳରେ ଲୋକମାନଙ୍କଠାରୁ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଅର୍ଥନୈତିକ ଅପରାଧ ଶାଖା (ଇଓଡ଼ବ୍ଲ୍ୟୁ) ଅରୁନ୍ଧତୀ ଇନ୍ଫ୍ରାଟେକ୍ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶିକାଙ୍କୁ ଗିରଫ କରିଛି। ତାଙ୍କୁ ଆଜି କଟକର ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ସଂସ୍ଥାର ନିର୍ଦ୍ଦେଶିକା ନିରୁପମା ସୁନ୍ଦରାୟ। ଇଓଡ଼ବ୍ଲ୍ୟୁ ରବିବାର ବିଳମ୍ବିତ ରାତିରେ ନିରୁପମାଙ୍କୁ ଜଟଣୀ କାଇମାଟିଆ ସ୍ଥିତ ଘରୁ ଚଢ଼ଉ କରି ଧରିଥିବା ସୂଚନା ମିଳିଛି। ଇଓଡ଼ବ୍ଲ୍ୟୁ ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ଅଶୋକ ଓ ପତ୍ନୀ ଅରୁନ୍ଧତୀ ଇନ୍ଫ୍ରାଟେକ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ବିଲ୍ଡର ସଂସ୍ଥା କଳିଙ୍ଗବିହାରରେ ଖୋଲିଥିଲେ। ୨୦୧୦ରେ ଅଭିଯୁକ୍ତ ଦ୍ୱୟ ଜଟଣୀ ତହସିଲ୍ ଜାଗମରା ମୌଜାରେ 'ଅରୁନ୍ଧତୀ ବିହାର' ନାମରେ ଏକ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ପ୍ରୋଜେକ୍ଟ ଦ୍ୱାରା ଅରୁନ୍ଧତୀ ବିହାରରେ ଜମି ଓ ଫ୍ଲାଟ ଯୋଗାଇଦେବା ପାଇଁ ବିଜ୍ଞାପନ ଦେଇଥିଲେ। ସାଧାରଣ ଲୋକଙ୍କ ଠାରୁ ସେମାନେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ। ୨୦୧୦ ମସିହାରେ ସେ ପ୍ରାୟ ୨୫୦ ଲୋକଙ୍କ ଠାରୁ ୩ କୋଟି ଟଙ୍କା ସଂଗ୍ରହ କରିଥିଲେ। ୧୮ରୁ ୨୪ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କରିଦେବାକୁ ଅଶୋକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଘର କିମ୍ବା ନେଇଥିବା ଟଙ୍କା ଆଉ ଫେରସ୍ତ କରିନଥିଲେ। ୬ ବର୍ଷ ଅପେକ୍ଷା କରିବା ପରେ ତାଙ୍କ ଠକେଇ ଜାଲରେ ପଡିଥିବା ଲୋକେ ଶେଷରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଇଓଡବ୍ଲ୍ୟୁ ଘଟଣାର ତଦନ୍ତ କରିଥିଲା। ଅଶୋକ ଲୋକଙ୍କୁ ଜାଲ୍ ସେଲ୍ ଡିଡ୍ ଦେଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଥିଲା। ପରେ ସଂସ୍ଥା ମୁଖ୍ୟ ଅଶୋକ ସୁନ୍ଦରରାୟଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।

Tue, Nov 14, 2017